**ମଦ ଜବତ, ୨ ଗିରଫ**

ବଉଣ୍ଡା,(ପରିକ୍ଷିତ ସାହୁ): ହଣ୍ଡପା ଥାନା ପୋଲିସ ଶନିବାର ମାଙ୍କଡଚୁଆ ଗ୍ରାମର ବିଶିକେଶନ ପ୍ରଧାନଙ୍କଠାରୁ ୧୮ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି। ସେ ବେଆଇନ ଭାବେ ମଦ ବିକ୍ରି କରିବା ପାଇଁ ଘରକୁ ନେଉଥିବାବେଳେ ରାଣୀଭୂଇଁ ନିକଟରେ ଚଢ଼ାଉ କରି ପୋଲିସ ଗିରଫ କରିଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି। ସେହିପରି କିଶୋରନଗର ପୋଲିସ ଆମ୍ବପାଳ ଅଞ୍ଚଳର ବାସୁଦେବ ବେହେରାଙ୍କଠାରୁ ୭ ଲିଟର ଚୋରା ମହୁଲି ମଦ ଜବତ କରିଛି। ଏଥିସହ ତାଙ୍କୁ ମଧ ଗିରଫ କରିଛି।

# ବିଜେଡିର ଅଖଣ୍ଡତା ବଜାୟ ରଖିବାକୁ ଆହ୍ୱାନ

ଢେଙ୍କାନାଳ,୨୮।୪(ରତନ ନାୟାର)


କୋଇଲିପଙ୍ଗି ଠାରେ ବିଜେଡିର କର୍ମୀ ସମ୍ମିଳନୀରେ ବିଧାୟକ ଓ ଏମ୍‌ପି ପ୍ରାର୍ଥୀ।

ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀର ସଦର ବ୍ଲକ କୋଇଲିପଙ୍ଗି ଠାରେ ରବିବାର ବ୍ଲକ ଓ ପଞ୍ଚାୟତସ୍ତରୀୟ ଏକ ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ଏମ୍‌ପି ପ୍ରାର୍ଥୀ ଡା. ଅବିନାଶ ସାମଲ କହିଲେ, ଏହା କର୍ମୀ ସମ୍ମିଳନୀ ନୁହେଁ, ଏହା ବିଜେଡିର ମହାମିଳନ। ବିଜେଡିର ଅଖଣ୍ଡତାକୁ ଅଧିକ ମଜଭୁତ କରିବା ପାଇଁ ସଂଗ୍ରାମ ଜାରି ରଖିବା ନିମନ୍ତେ ସେ କର୍ମୀ ଓ ନେତୃବୃନ୍ଦଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ସୁଧୀର କୁମାର ସାମଲ ଶିକ୍ଷା, ସ୍ୱାସ୍ଥ୍ୟସେବା, ମହିଳା ସଶକ୍ତୀକରଣ ଆଦି କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ଜନହିତକର କାର୍ଯ୍ୟ ଯୋଗୁ ଆଜି ସମଗ୍ର ରାଜ୍ୟ ପ୍ରଗତିର ଧାରାରେ ସାମିଲ ହୋଇଛି। ଏହାକୁ ବଜାୟ ରଖିବା ସହିତ ମୁଖ୍ୟମନ୍ତ୍ରୀଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ଚଳିତ ନିର୍ବାଚନରେ ବିଜେଡି ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଯୋଡି ଶଙ୍ଖରେ ଭୋଟଦେଇ ବିଜୟୀ କରିବା ପାଇଁ ନିବେଦନ କରିଥିଲେ। ଏହି କର୍ମୀ ସମ୍ମିଳନୀରେ ବରିଷ୍ଠ ସମାଜସେବୀ ଗଙ୍ଗାଧର ସାମଲ, ଢେଙ୍କାନାଳ ପାଇଁ ନିଯୁକ୍ତ ପର୍ଯ୍ୟବେକ୍ଷକ ଅମରଜିତ ସେନାପତି, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦେବୀ ପ୍ରସାଦ ଭୂତିଆ, ଜିଲ୍ଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଜିଲ୍ଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ଜିଲ୍ଲା ମହିଳା ବିଜେଡି ସଭାପତି ସାଗରିକା ମିଶ୍ର, କୃଷକ ସଙ୍ଗଠନ ସଭାପତି ନରୋତ୍ତମ ସାହୁ, ଜଗଦିଶ ସାମଲ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ଦୀପକ ମିଶ୍ର, ବିନୋଦ ମହାନ୍ତି, ଶୁଭ ପଣ୍ଡା, ରଞ୍ଜନ ନାୟକଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଦସ୍ୟା ସଦସ୍ୟ, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଓ ଜନସାଧାରଣ ଉପସ୍ଥିତ ଥିଲେ।

# ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ ନିମନ୍ତେ ପ୍ରସ୍ତାବ ଗୃହୀତ

ଢେଙ୍କାନାଳ ,୨୮।୪(ରତନ ନାୟାର)



ତୀରନ୍ଦାଜ ସଂଘର ବାର୍ଷିକ ସାଧାରଣ ପରିଷଦ ବୈଠକରେ କର୍ମକର୍ତ୍ତାମାନେ।

ଭାରତୀୟ ଜାତୀୟ ତୀରନ୍ଦାଜ ସଂଘ ଓ ଓଡ଼ିଶା ରାଜ୍ୟ ଅଲିମ୍ପିକ ସଂଘ ଦ୍ୱାରା ଅନୁବନ୍ଧିତ ଓଡ଼ିଶା ତୀରନ୍ଦାଜ ସଂଘର ବାର୍ଷିକ ସାଧାରଣ ପରିଷଦ ଓ କାର୍ଯ୍ୟକାରୀ ପରିଷଦ ବୈଠକ କଟକ ବାରବାଟୀ ଷ୍ଟାଡିୟମ ପରିସରସ୍ଥ ସଂଘ କାର୍ଯ୍ୟାଳୟଠାରେ ସଭାପତି ତଥା ଓଡ଼ିଶା ରାଜ୍ୟ ପ୍ରାକ୍ତନ ପ୍ରମୁଖ ସଚିବ ଗୋକୁଳଚନ୍ଦ୍ର ପତିଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଂଘର ବାର୍ଷିକ ବିବରଣୀ, ଆୟବ୍ୟୟ ଅଟକଳ, ବାର୍ଷିକ କ୍ରୀଡ଼ାସୂଚୀ, ସଂଘ ନିର୍ବାଚନ ପରିଚାଳନା ସମ୍ପର୍କିତ ସଂଶୋଧିତ ନିୟମ ଓ ରାଜ୍ୟରେ ଏହି ଅଲିମ୍ପିକ କ୍ରୀଡ଼ାର ବ୍ୟାପକ ପ୍ରସାର ଓ ଗୁଣାତ୍ମକ ବିକାଶ ଉପରେ ବିସ୍ତୃତ ଆଲୋଚନା କରାଯାଇ ପ୍ରସ୍ତାବମାନ ପାରିତ ହୋଇଥିଲା। ଢେଙ୍କାନାଳ ଜିଲ୍ଲା ତୀରନ୍ଦାଜ ସଂଘ ସଭାପତି ନବୀନ ଚନ୍ଦ୍ର ନାରାୟଣ ଦାସ, ଉପସଭାପତି ରାଜ କିଶୋର ବେହେରା ଓ ସମ୍ପାଦକ ଅମୀୟ ଚାନ୍ଦ ଯୋଗ ଦେଇଥିଲେ। ଢେଙ୍କାନାଳ ଜିଲ୍ଲାର ଆବାସିକ ଆଦିବାସୀ ବିଦ୍ୟାଳୟଗୁଡ଼ିକରେ ତୀରନ୍ଦାଜ କ୍ରୀଡ଼ା ପ୍ରଶିକ୍ଷଣ ଓ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ଦିଆଯିବାକୁ ବରିଷ୍ଠ ଉପସଭାପତି ରାଜକିଶୋର ବେହେରା ପ୍ରସ୍ତାବ ଆଗତ କରିଥିଲେ ଓ ଏହା ପାରିତ ହୋଇଥିଲା। ଢେଙ୍କାନାଳ ଜିଲ୍ଲାରେ ଟାଟା ଷ୍ଟିଲ୍ ସହଯୋଗରେ ଏକ ଉନ୍ନତମାନର ତୀରନ୍ଦାଜ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ ନିମନ୍ତେ ଉଦ୍ୟମ ହେଉଥିବା ରାଜ୍ୟ ସମ୍ପାଦକ ସମ୍ପୂର୍ଣ୍ଣା ନନ୍ଦ ଦାସ ପ୍ରକାଶ କରିଥିଲେ। ଆସନ୍ତା ଅକ୍ଟୋବରରେ ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା ସମ୍ବଲପୁର ଠାରେ ଓ ନଭେମ୍ବରରେ ୩ଦିନିଆ ଜାତୀୟ ସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା ପୁରୀ ଜିଲ୍ଲା ସଂଘ ସହଯୋଗରେ ଆୟୋଜିତ ହେବ ବୋଲି ସୂଚନା ଦିଆଯାଇଥିଲା। ଗତବର୍ଷ ରାଜ୍ୟ ପାଇଁ ପଦକ ଜିଣି ଗୌରବ ଅର୍ଜନ କରିଥିବା ତୀରନ୍ଦାଜ ପ୍ରଶିକ୍ଷକ, ପୁରୁଷ ଓ ମହିଳା ପ୍ରତିଯୋଗୀଙ୍କୁ ଅର୍ଥରାଶି ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉପସଭାପତି ସରୋଜ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ଇସ୍କନ ପକ୍ଷରୁ ହରେକୃଷ୍ଣ ଉତ୍ସବ

ଢେଙ୍କାନାଳ,୨୮।୪(ରତନ ନାୟାର)

ଢେଙ୍କାନାଳ ଇସ୍କନ ଶାଖା ପକ୍ଷରୁ ରବିବାର ସହରସ୍ଥିତ ଗୋପବନ୍ଧୁ ଟାଉନହଲ ଠାରେ ହରେକୃଷ୍ଣ ଉତ୍ସବ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସନ୍ଧ୍ୟା ୬ଟାରେ ଅନୁଗୋଳ ଇସ୍କନ ମନ୍ଦିରର ଉପାଧ୍ୟକ୍ଷ ବରଦାକୃଷ୍ଣ ଦାସ, ଜନତାଙ୍କ ବିପ୍ଲବ ଉପରେ ପ୍ରବଚନ ଦେଇଥିଲେ। ପରେ ଇସ୍କନ ଭକ୍ତଙ୍କ ଦ୍ୱାରା ତୁରଣକ୍ରିଷ୍ଣା ଦାସଙ୍କ ନିର୍ଦ୍ଦେଶିତ ଭକ୍ତ କିଏ ବିଷୟବସ୍ତୁ ଉପରେ ନାଟକ ମଞ୍ଚସ୍ଥ ହୋଇଥିଲା। ଇସ୍କନର ମୁଖ୍ୟ ପ୍ରେମ କିଶୋର ଦାସଙ୍କ ତତ୍ତ୍ୱାବଧାନରେ ନୃତ୍ୟ କୀର୍ତ୍ତନ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ଅଞ୍ଚଳର ଇସ୍କନ ଭକ୍ତଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମରେ ଯୋଗଦେଇ ବିଶେଷ ଅନ୍ନ ପ୍ରସାଦରେ ସାମିଲ ହୋଇଥିଲେ। ଢେଙ୍କାନାଳ ଇସ୍କନ ପକ୍ଷରୁ ମନ୍ଦିର ପ୍ରାଙ୍ଗଣରେ ପ୍ରତ୍ୟେକ ରବିବାର ଏଭଳି କାର୍ଯ୍ୟକ୍ରମ କରାଯିବା ସହିତ ପ୍ରତି ମାସର ଶେଷ ରବିବାର ଟାଉନହଲଠାରେ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ବୋଲି ଢେଙ୍କାନାଳର ମୁଖ୍ୟ ପ୍ରେମ କିଶୋର ଦାସ ସୂଚନା ଦେଇଛନ୍ତି ।



ଇସ୍କନ ପକ୍ଷରୁ ନାଟକ ମଞ୍ଚସ୍ଥ କରାଯାଉଛି।

# ମଧୁସୂଦନଙ୍କ ଜୀବନୀ ଉପରେ ଆଲୋକପାତ


ଜିଲ୍ଲା ଓକିଲ ସଂଘ ପକ୍ଷରୁ ମଧୁ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳନ କରାଯାଉଛି।

ଢେଙ୍କାନାଳ,୨୮।୪(ରତନ ନାୟାର)

ଢେଙ୍କାନାଳ ଜିଲ୍ଲା ଓକିଲ ସଂଘ ପକ୍ଷରୁ ରବିବାର ସଂଘ କାର୍ଯ୍ୟାଳୟ ପରିସରରେ ସକାଳ ୯ଟାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉତ୍ସବ ଏବଂ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାଜଜ୍ ତଥା ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ ପ୍ରଣତି ଶା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନ, ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ଓକିଲ ସଂଘ ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ସମ୍ପାଦକ ଟଙ୍କଧର ବେହେରା ବିବରଣୀ ପ୍ରଦାନ କରିଥିଲେ। ଉପସଭାପତି ସରୋଜ କୁମାର ପାଢୀ ଉପସ୍ଥିତ ଥିଲେ। ମହିଳା ଆଇନଜୀବୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏଥିପୂର୍ବରୁ ସଂଘ ପକ୍ଷରୁ ଜିଲ୍ଲା ସିଭିଲ କୋର୍ଟ ନିକଟରେ ଥିବା ମଧୁସୂଦନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସନ୍ଧ୍ୟା ୬ଟା ୪୫ରେ ମହିଳା ଆଇନଜୀବୀଙ୍କ ଦ୍ୱାରା ପ୍ରଥମେ ନାଟକ ଓ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ସଂଘ ସଦସ୍ୟମାନଙ୍କ ଦ୍ୱାରା ନାଟକ 'ଅଦାଲତ' ମଞ୍ଚସ୍ଥ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଆଇନଜୀବୀ ଉପସ୍ଥିତ ଥିଲେ।

# କଚେରିହତାରେ ବାଦିପାଲା ଆରମ୍ଭ

କାମାକ୍ଷାନଗର,୨୮।୪(ଅମ୍‌ଜାଦ୍ ଖାନ୍)

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର କଚେରି ପରିସରରେ ମୋହରିର ଓ ଦଲିଲ ଲେଖକ ସଂଘ ତରଫରୁ ଶନିବାର ସନ୍ଧ୍ୟାରେ ବାଦିପାଲା ଆରମ୍ଭ ହୋଇଛି। ସାଧାରଣ ଜନତା ଓ ବୁଦ୍ଧିଜୀବୀ ତଥା କାମାକ୍ଷାନଗରର ନାଗରିକଙ୍କ ମନରେ ଧାର୍ମିକ ଭାବନା ଓ ଚେତନା ସୃଷ୍ଟି ସହ ଭକ୍ତି ଭାବକୁ ଆଧ୍ୟାତ୍ମିକତା କ୍ଷେତ୍ରରେ ବାନ୍ଧି ରଖିବାର ପ୍ରୟାସ ଜାରି ରଖିଛି କଚେରୀହତାର ସତ୍ୟନାରାୟଣ ପାଲା କମିଟି। ପ୍ରତ୍ୟେକ ବର୍ଷ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ନାମୀଦାମୀ ପାଲା ଗାୟକ ଦଳ ପାଲା ପରିବେଷଣ କରିଯାଉଥିବାବେଳେ ଚଳିତ ବର୍ଷ ପାଳନ ହେଉଛି ସ୍ୱର୍ଣ୍ଣଜୟନ୍ତୀ ସମାରୋହ। ଏହା ୨୭ ତାରିଖ ଶନିବାରଠାରୁ ଆରମ୍ଭ ହୋଇ ମେ ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ସତ୍ୟ ନାରାୟଣପାଲା ଅନୁଷ୍ଠାନ ସଭାପତି ରବିନ୍ଦ୍ର କୁମାର ସାମଲ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଆୟୋଜନ ତଥା ଅଜୟ ପଟ୍ଟନାୟକଙ୍କ ସହଯୋଗରେ କାମାକ୍ଷାନଗର କଚେରୀହତାରେ ଗାୟକ ସାରଦା ପ୍ରଶନ ନାୟକ ଓ ପ୍ରଶନ୍ନ ପଟ୍ଟନାୟକଙ୍କ ମଧ୍ୟରେ ବାଦିପାଲା ସନ୍ଧ୍ୟା ୭ଟାରୁ ଆରମ୍ଭ ହେଉଛି।



# ମିଶ୍ରଣ ପର୍ବରେ ପ୍ରୟାସ ସଙ୍ଗଠନ ଗଠିତ

ଭୁବନ,୨୮।୪(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲ୍ଲା ଭୁବନ ଏନ୍‌ଏସି ବିଷ୍ଣୁପ୍ରିୟା ଗାଲାକ୍ସି ପରିସରରେ ରବିବାର ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମିଶ୍ରଣ ପର୍ବରେ ଭୁବନ ହାଇସ୍କୁଲର ୧୯୯୧ ମାଟ୍ରିକ ବ୍ୟାଚର ୬୦ରୁ ଊର୍ଦ୍ଧ୍ୱ ଯୁବକ ବିଜେଡିରେ ଯୋଗ ଦେଇଥିଲେ। ଏହି ଯୁବକଙ୍କୁ ନେଇ ଏକ ପ୍ରୟାସ ସଂଗଠନ ଗଠନ କରାଯାଇଥିଲା। ଆଗାମୀ ଦିନରେ ଭୁବନ ଅଞ୍ଚଳର ବିକାଶକୁ ଆଖି ଆଗରେ ରଖି ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତିଆଦର୍ଶରେ ଅନୁପ୍ରାଣିତ ହୋଇ ସାମୂହିକ ଭାବେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ଉପସ୍ଥିତିରେ ବିଜେଡିରେ ଯୁବକମାନେ ସାମିଲ ହୋଇଥିଲେ। ବିଜେଡି ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିବା ବେଳେ ଦଳରେ ସାମିଲ ଯୁବକମାନେ ପ୍ରୟାସ ସଂଗଠନ ଭୁବନର ବିକାଶ ପାଇଁ ଶପଥ କରିଥିଲେ। ଭୁବନ ଏନ୍‌ଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ, ଭୁବନ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଭୁବନ ଏନ୍‌ଏସି ବିଜେଡି ସଭାପତି ନରେନ୍ଦ୍ର କୁମାର ସାହୁ, ବ୍ଲକ ସଭାପତି ରମେଶ ଚନ୍ଦ୍ର ସାହୁଙ୍କ ସମେତ ବିଜେଡିର ସମସ୍ତ ବରିଷ୍ଠ କର୍ମକର୍ତ୍ତା ସାମିଲ ହୋଇଥିଲେ।



# ମଧୁବାବୁଙ୍କ ତ୍ୟାଗ ଚିରସ୍ମରଣୀୟ


ସିଭିଲ ସୋସାଇଟି ପକ୍ଷରୁ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ କରାଯାଉଛି।

ଢେଙ୍କାନାଳ,୨୮।୪(ରତନ ନାୟାର)

ଢେଙ୍କାନାଳର ସିଭିଲ ସୋସାଇଟି ପକ୍ଷରୁ ରବିବାର ସ୍ଥାନୀୟ ହୋଟେଲ ଦେବକନ୍ୟା ସମ୍ମିଳନୀ କକ୍ଷରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରାକୃତିକ ଚିକିତ୍ସା କେନ୍ଦ୍ର ପରିଚାଳକ ପୀତବାସ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉତ୍ସବରେ ସିଭିଲ ସୋସାଇଟି ଆବାହକ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଓଡ଼ିଆଙ୍କ ସ୍ୱାଭିମାନ ପାଇଁ ମଧୁବାବୁଙ୍କ ତ୍ୟାଗ ଚିର ସ୍ମରଣୀୟ ବୋଲି ଅତିଥି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା, ଉତ୍କଳ ଗୌରବ ମଧୁସୂଦନ ଓଡ଼ିଶାର ମୁକୁଟବିହୀନ ସମ୍ରାଟ ଥିଲେ ବୋଲି କହିଥିଲେ। ସିବିଆଇ ପୂର୍ବତନ ବିଚାରପତି ଭିକାରୀ ଚରଣ ରାଉତ ମଧୁସୂଦନ ଜଣେ ବିଶିଷ୍ଟ ଆଇନଜ୍ଞ ଏବଂ ଦେଶ ବତ୍ସଳ ନାୟକ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିବେଶବିତ ଉପେନ୍ଦ୍ର କୁମାର ରାଉତ, କବି ବାହାଦୁର ପାଟସାହାଣୀ, ସରୋଜ କୁମାର ଶତପଥୀ ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନଙ୍କ ଜୀବନ ଆଦର୍ଶର ସ୍ତୁତିଚାରଣ କରିଥିଲେ। ଏହି ଅବସରରେ ବିଶିଷ୍ଟ ସର୍ବୋଦୟ ନେତା ବିନୋଦ ମହାନ୍ତିଙ୍କ ଅମରାତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଅବିନାଶ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। କବି ସୁକାନ୍ତି ସାହୁ, ମମତା ମିଶ୍ର, ସ୍ନେହପ୍ରଭା ପାଣିଗ୍ରାହୀ, ସରିତା ପାଟସାହାଣୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ରୁଦ୍ରପ୍ରକାଶ ଶରଣ, ସମୀର ସାହୁ, ଡମ୍ବରୁଧର ପଣ୍ଡା, ଗୋକୁଳାନନ୍ଦ ପଣ୍ଡା, ଡା. ଶ୍ରୀନିବାସ ହୋତା, ସ୍ମିତାରାଣୀ ସାମଲ, ରୁବିନା ବେଗମ, ବ୍ରହ୍ମାକୁମାରୀ ବିକେ ଉଷା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନରେଶ ଚନ୍ଦ୍ର ପାଲ, ବସନ୍ତ ବିଶ୍ୱାଳ, ଡା. ପ୍ରମୋଦ ନାୟକ, ସୂର୍ଯ୍ୟନାରାୟଣ ପଟ୍ଟନାୟକ, ଲଳିତ ପଟ୍ଟନାୟକ, ସ୍ୱପ୍ନା ଜେମ୍‌ସ, ନନ୍ଦିକେଶ୍ୱରୀ ନାଥ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଢେଙ୍କାନାଳରେ ତାପମାତ୍ରା ୪୩.୬ ଡିଗ୍ରୀ

ଢେଙ୍କାନାଳ, ୨୮।୪(ରତନ ନାୟାର)

ଢେଙ୍କାନାଳ ସହରରେ ରବିବାର ତାପମାତ୍ରା ୪୩.୬ ଡିଗ୍ରୀରେ ପହଞ୍ଚିଛି। ପାଣିପାଗ ବିଭାଗ ପକ୍ଷରୁ ୮ ଜିଲ୍ଲାକୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ନେଇ ରେଡ୍ ୱାର୍ନିଂ ଜାରି କରାଯାଇଥିବା ବେଳେ ତନ୍ମଧ୍ୟରେ ଢେଙ୍କାନାଳ ରହିଛି। ପୂର୍ବାହ୍ନ ୧୦ଟାଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ସାଙ୍ଗକୁ ଅସହ୍ୟ ଗରମ, ଝାଞ୍ଜି ପବନ ସାଧାରଣ ଜୀବନ ଯାପନକୁ ଅତିଷ୍ଠ କରିଦେଉଛି। ଅଘୋଷିତ ବିଦ୍ୟୁତ୍‌କାଟ ସାଙ୍ଗକୁ ଜଳସ୍ତର କମୁଥିବାରୁ ସହରରେ ପାନୀୟଜଳ ସଂକଟ ଚିନ୍ତାଜନକ ସ୍ଥିତିରେ ପହଞ୍ଚିଛି। ରବିବାର ସନ୍ଧ୍ୟାରେ ଢେଙ୍କାନାଳ ସହର ଜଗନ୍ନାଥ ରୋଡ ଅଞ୍ଚଳରେ ପାନୀୟ ଜଳର ଅଭାବକୁ ନେଇ ଅଞ୍ଚଳବାସୀ ଗରା, ବାଲଟି ଧରି ରାସ୍ତା ଉପରେ ପ୍ରତିବାଦ କରିଥିଲେ। ସ୍ଥାନୀୟ କାଉନସିଲର ଘଟଣାସ୍ଥଳକୁ ଯାଇ ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା।


ପାନୀୟ ଜଳର ଅଭାବକୁ ନେଇ ପ୍ରତିବାଦ କରାଯାଉଛି।

# ୯୧ ୟୁନିଟ୍ ରକ୍ତ ସଂଗ୍ରହ



ଢେଙ୍କାନାଳ,୨୮।୪(ରତନ ନାୟାର)

ମଧୁ ଜୟନ୍ତୀ ଅବସରରେ ଢେଙ୍କାନାଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ପକ୍ଷରୁ ରବିବାର ସ୍ଥାନୀୟ ହୋଟେଲ ରିଜେନ୍ସି ସମ୍ମିଳନୀ କକ୍ଷରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଓକିଲ ସଂଘ ସଭାପତି ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ସଭାପତି ରାଜେନ୍ଦ୍ର ହିନ୍ଦୋଚା ଯୋଗଦେଇ ରକ୍ତ ସଂକଟ ସମୟରେ ଏଭଳି ଶିବିର ଆୟୋଜନ ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ଶିବିରରେ ୯୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଜିଲ୍ଲା ରକ୍ତଭଣ୍ଡାର ଟେକ୍ନିସିଆନ ପରମାନନ୍ଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ରକ୍ତ ସଂଗ୍ରହ ହୋଇଥିଲା। ପ୍ରତିଷ୍ଠାନ ଉପଦେଷ୍ଟା ଶରତଚନ୍ଦ୍ର ପାଢୀ, କାର୍ଯ୍ୟକାରୀ ସଭାପତି ବିନୋଦ କୁମାର ଅଗ୍ରୱାଲ, ବରିଷ୍ଠ ଉପସଭାପତି ବିମଳ କୁମାର ପୋଦାର, ରାଜ କିଶୋର ବେହେରା, ମହେଶ ଅଗ୍ରୱାଲ, ଶିବ ପ୍ରସାଦ ପଣ୍ଡା, ଦେବବ୍ରତ ଭଞ୍ଜ, କୃଷ୍ଣଚନ୍ଦ୍ର ଦେବତା, ପ୍ରଣବାନନ୍ଦ ଦାସ, ନିରଦାନନ୍ଦ ନନ୍ଦ, କୃଷ୍ଣ କୁମାର ଅଗ୍ରୱାଲ, ବିକାଶ ପୋଦାର, ଫିରୋଜ ପାତ୍ର, ଏମ୍‌ଡି ସମୀର, ସଂଗ୍ରାମ ବିଶ୍ୱାଳ, ପ୍ରତାପ ବାରିକ, ଦୁଷ୍ମନ୍ତ ରାଉତ, ରାଜେନ୍ଦ୍ର ସାହୁ, ଆଶିଷ କେଡିଆ, ସୁରେଶ ବର୍ମା, ପ୍ରମୋଦ କୁମାର ମହାପାତ୍ର ଓ ଜିତେଶ କୋଟାକ ଶିବିର ପରିଚାଳନା କରିଥିଲେ। ସମ୍ପାଦକ ଲୋକନାଥ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ସଂସ୍କୃତି ବଞ୍ଚିଲେ, ଜାତୀୟ ଭାଷା ବଞ୍ଚିବ

## ପାଲା ସମ୍ମିଳନୀ ଉଦ୍‌ଯାପିତ

ଢେଙ୍କାନାଳ,୨୮।୪(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ତରଭା ପଞ୍ଚାୟତ ପାଟଣାସାହିଠାରେ ଅନୁଷ୍ଠିତ ହେଉଥିବା ୪୨ତମ ଜିଲ୍ଲାସ୍ତରୀୟ ପାଲାଗାୟକ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଧୁ ବୈଶିଷ୍ଟ ଦାସଜୀ ମହାରାଜ, ଆମ ସଂସ୍କୃତି ବଞ୍ଚିଲେ ଜାତୀୟ ଭାଷା ବଞ୍ଚିବ ବୋଲି ମତବ୍ୟକ୍ତ କରିଥିଲେ। ପାଲା ଭଳି ମହାନ ପରମ୍ପରାକୁ ବଜାୟ ରଖିବା ପାଇଁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ କଳା ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର, ସମ୍ମାନିତ ଅତିଥି ଭାବେ ସମାଜସେବୀ ବିଶ୍ୱଭୂଷଣ ବେହେରା ଯୋଗଦେଇ ପାଲା ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ସଂଘ ସଭାପତି ବିଶିଷ୍ଟ ପାଲା ଗାୟକ ସୁରେନ୍ଦ୍ର ମିଶ୍ର ଉତ୍ସବରେ ସଭାପତିତ୍ୱ କରିଥିଲେ। ତରଭା ସରପଞ୍ଚ ବିରଞ୍ଚି ନାରାୟଣ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଅବନୀ ମିଶ୍ରଙ୍କୁ ପାଲାସାହିତ୍ୟ ସଂସ୍କୃତିର ପ୍ରଚାରକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଜୀବନବ୍ୟାପୀ ସାଧନା ପାଇଁ ଗାୟକ ସୁରେନ୍ଦ୍ର ମିଶ୍ରଙ୍କୁ ଶାସ୍ତ୍ର ବିଶାରଦ ସମ୍ମାନ, କପିଳେଶ୍ୱର ବେହେରାଙ୍କୁ ବାଣୀ ମଞ୍ଜୁଳ, ଉଗ୍ରେସନ ବିଶ୍ୱାଳଙ୍କୁ ଗାୟକ ଚାନ୍ଦଭୂଷଣ, ଶୁକଦେବ ପଣ୍ଡାଙ୍କୁ ଗାୟକ ରତ୍ନରାଜ, ବସନ୍ତ ମହାପାତ୍ରଙ୍କୁ ଗାୟକ ସ୍ୱରସୁଧା, ସୁମିତ୍ରା ପଣ୍ଡାଙ୍କୁ ଗାୟିକା ସୁରଭି, ବାୟକ ହାଡ଼ିବନ୍ଧୁ ସ୍ୱାଇଁଙ୍କୁ ବାଦ୍ୟଭୂଷଣ, ସର୍ବେଶ୍ୱର ଦାସଙ୍କୁ ବାଦ୍ୟକୁସୁମ, ଧରଣୀଧର ନାୟକଙ୍କୁ ସଙ୍ଗୀତ କୁସୁମ, ଏକାଦଶୀ ଲେଙ୍କାଙ୍କୁ ସଙ୍ଗୀତ ଆସର, ଅନନ୍ତ ପାଢ଼ୀଙ୍କୁ ସଙ୍ଗୀତ ସରସୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଭୁବନ ଉପସଭାପତି ଅଶୋକ କୁମାର ସାମଲ ପରିଚାଳନା କରିଥିଲେ। ସମ୍ପାଦକ ଦୁର୍ଗାଚରଣ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଗାୟକ ରଜନୀକାନ୍ତ କର ଓ ସାଥୀ, ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ସାଥୀ ଏବଂ ଦିଲୀପ କୁମାର ମିଶ୍ର ପ୍ରମୁଖ ପାଲା ପରିବେଷଣ କରିଥିଲେ।


ଅନୁଷ୍ଠାନ ପକ୍ଷରୁ ଅବନୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ୨ ବଖରା ପୋଡ଼ିଗଲା

ଅନୁଗୋଳ,(ଅମିତ କୁମାର ସାମଲ): ବଅଁରପାଳ ଥାନା ବୁଢ଼ାପଙ୍କ ଗ୍ରାମର ଗଣେଷ ଗୁରୁ ଓ କାର୍ତ୍ତିକ ଗୁରୁଙ୍କ ୨ ବଖରା ଚାଳଘର ରବିବାର ପୋଡି ଛାରଖାର ହୋଇଯାଇଛି। ଉଭୟ ପରିବାର ଭୂମିହୀନ ଗରିବ ହୋଇଥିବା ବେଳେ ମୂଲମଜୁରି କରି ଚଳନ୍ତି। ବଅଁରପାଳ ଅଗ୍ନିଶମ ବିଭଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଖବରପାଇ ଭାଜପା ନେତା ପ୍ରକାଶ ସିଂହ, ଦିଲୀପ କୁମାର ରାଉତ, ଗୋକୁଳା ନନ୍ଦ ଲେଙ୍କା ପ୍ରମୁଖ ସରକାରୀ ସହାୟତା ଶୀଘ୍ର ଯୋଗାଇବାକୁ ତହସିଲ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି।

# ଡିଏଫ୍‌ଓଙ୍କ ବଦଳି ନ ହେଲେ ଆନ୍ଦୋଳନ ଚେତାବନୀ

ଅନୁଗୋଳ,୨୮।୪(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ସାତକୋଶିଆ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ସରୋଜ କୁମାର ପଣ୍ଡାଙ୍କୁ ୭ ଦିନ ମଧ୍ୟରେ ବଦଳି କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ପୁରୁଣାକୋଟ ବାସିନ୍ଦା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ନବ କିଶୋର ବିଶୋଇ ଚେତାବନୀ ଦେଇଛନ୍ତି। ବିଶୋଇ କହିଛନ୍ତି, ଦୀର୍ଘ ୬ ବର୍ଷ ହେଲା ଡିଏଫ୍‌ଓ ପଣ୍ଡା ସାତକୋଶିଆରେ କାର୍ଯ୍ୟକରି ଆସୁଥିବା ବେଳେ ତାଙ୍କ ବାସସ୍ଥାନ ସମ୍ବଲପୁର ସଂସଦୀୟ କ୍ଷେତ୍ରରେ ଆସୁଛି। ନିର୍ବାଚନ ଆଚରଣ ବିଧି ଅନୁଯାୟୀ ସେ ସାତକୋଶିଆ ବନଖଣ୍ଡ ଅଧିକାରୀ ଭାବରେ ରହିବା ଅନୁଚିତ। ସରକାରୀ ଚାକିରି ନିୟମ ଓ ନିର୍ବାଚନ ଆଚରଣ ବିଧି ବ୍ୟବସ୍ଥାରେ ନିର୍ବାଚନ ଘୋଷଣା ହେବା ପୂର୍ବରୁ ପଣ୍ଡାଙ୍କୁ ଏଠାରୁ ବଦଳି କରାଯିବା କଥା। ମାତ୍ର ଏହା ହୋଇ ନ ଥିବାରୁ ମୁଖ୍ୟ ନିର୍ବାଚନ ଆୟୋଗଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। ପଣ୍ଡାଙ୍କ ବିରୋଧରେ ଏସ୍‌ଟି କମିଶନ, ଭିଜିଲାନ୍ସ ଆୟୋଗ, ମାନବ ଅଧିକାର କମିଶନ, ଲୋକାୟୁକ୍ତ ଏବଂ ଓଡ଼ିଶା ହାଇକୋର୍ଟରେ ୨୨ରୁ ଅଧିକ ମକଦ୍ଦମା ରୁଜୁ ହୋଇଛି। ନିର୍ବାଚନ ଘୋଷଣା ପରେ ସାତକୋଶିଆ ବନଖଣ୍ଡର ଏବଂ ଅନୁଗୋଳ ଜିଲାର ସଚେତନ ନାଗରିକମାନେ ଆଚରଣବିଧି ଉଲ୍ଲଂଘନ ନେଇ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ସମେତ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ରାଜ୍ୟ ନିର୍ବାଚନ ଆୟୋଗ ଗତ ୩ ଏପ୍ରିଲ ୨୦୨୪ର ପତ୍ର ସଂଖ୍ୟା ୧୧୧୫ ଏବଂ ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପତ୍ର ସଂଖ୍ୟା ୪୯୬୦ ଅନୁଯାୟୀ ବନ ବିଭାଗ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦର୍ଶାଇଥିଲେ। ହେଲେ ଏଯାଏ ଡିଏଫ୍‌ଓଙ୍କ ବଦଳି କରାଯାଇ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବା ବିଶୋଇ ପ୍ରକାଶ କରିଛନ୍ତି।

# ଅନୁଗୋଳରେ ନିର୍ବାଚନ ପାଇଁ ବିଜ୍ଞପ୍ତି ଆଜି

ଅନୁଗୋଳ,୨୮।୪ (ଅମିତ କୁମାର ସାମଲ)

**ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ହେବ ନାମାଙ୍କନ**

ଓଡ଼ିଶାରେ ତୃତୀୟ ପର୍ଯ୍ୟାୟରେ ହେବାକୁ ଥିବା ମତଦାନ ପାଇଁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇବ। ଏହି ତୃତୀୟ ପର୍ଯ୍ୟାୟରେ ଅନୁଗୋଳ ଜିଲାରେ ମଧ୍ୟ ଭୋଟଗ୍ରହଣ ହେବ। ଏ ନେଇ ପ୍ରଶାସନ ପକ୍ଷରୁ ଅନୁଗୋଳ ଜିଲାରେ ଥିବା ୫ଟି ରିଟର୍ନିଂ କାର୍ଯ୍ୟାଳୟ ଖୋଲାଯାଇଛି। ପ୍ରତି ନିର୍ବାଚନମଣ୍ଡଳୀ ପାଇଁ ଜଣେ ଲେଖାଏ ରିଟର୍ନିଂ ଅଧିକାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ସୋମବାର ସକାଳ ୮ଟାରେ ସାଧାରଣ ନିର୍ବାଚନ ପାଇଁ ଅନୁଗୋଳ ଜିଲାରେ ବିଜ୍ଞପ୍ତି ପ୍ରକାଶ ପାଇବ। ଏହାପରେ ପୂର୍ବାହ୍ନ ୧୦ଟା ୩୦ରେ ପ୍ରତି ନିର୍ବାଚନମଣ୍ଡଳୀର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପାଇଁ ଫର୍ମ ବିକ୍ରି କରାଯିବ। ଏଥିସହ ପୂର୍ବାହ୍ନ ୧୧ଟାରୁ ଦିନ ୩ଟା ପର୍ଯ୍ୟନ୍ତ ନାମାଙ୍କନ ଦାଖଲ କରାଯିବ। ଛୁଟିଦିନମାନଙ୍କରେ ଫର୍ମ ବିକ୍ରି କି ନାମାଙ୍କନ ପତ୍ର ଦାଖଲ କରାଯିବ ନାହିଁ ଜିଲା ନିର୍ବାଚନ ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ଅନୁଗୋଳ ଜିଲାରେ ଆସନ୍ତା ମେ ୨୫ ତାରିଖରେ ମତଦାନ ଅନୁଷ୍ଠିତ ହେବ। ନିର୍ବାଚନ ନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଥିବାବେଳେ ସୋମବାର ବିଜ୍ଞପ୍ତି ସହ ଫର୍ମ ବିକ୍ରି ଓ ନାମାଙ୍କନ କରାଯିବ। ଅନୁଗୋଳ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଗୋଳ ନିର୍ବାଚନମଣ୍ଡଳୀ ପାଇଁ ନାମାଙ୍କନ ଦାଖଲ କରାଯିବ। ଏଥିସହ ଛେଣ୍ଡିପଦା ନିର୍ବାଚ ମଣ୍ଡଳୀ ପାଇଁ ମଧ୍ୟ ଅନୁଗୋଳ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳଙ୍କୁ ରିଟର୍ନିଂ ଅଧିକାରୀ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ସେହିଭଳି ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ତାଳଚେର ନିର୍ବାଚନମଣ୍ଡଳୀ, ପାଲଲହଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପାଲଲହଡ଼ା ନିର୍ବାଚନମଣ୍ଡଳୀ ଓ ଆଠମଲ୍ଲିକ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆଠମଲ୍ଲିକ ନିର୍ବାଚନମଣ୍ଡଳୀର ନାମାଙ୍କନ ପତ୍ର ଦାଖଲ କରାଯିବ। ମେ ୬ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନାମାଙ୍କନ କରିବେ। ୭ ତାରିଖରେ ପ୍ରାର୍ଥୀ ପତ୍ର ଯାଞ୍ଚ କରାଯାଇ ୯ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ତାରିଖ ରହିଛି। ଏହାପରେ ଅପରାହ୍ନରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରତ୍ୟକ ନିର୍ବାଚନ ମଣ୍ଡଳୀରେ ଥିବା ରିଟର୍ନିଂ ଅଧିକାରୀଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ଝୁଲାଯିବ। ୨୫ ତାରିଖରେ ଅନୁଗୋଳ ଜିଲାବାସୀ ସେମାନଙ୍କ ମତସାବ୍ୟସ୍ତ କରି ଲୋକପ୍ରତିନିଧି ଚୟନ କରିବେ। ଏହାର ଫଳାଫଳ ଆସନ୍ତା ଜୁନ୍ ୪ ତାରିଖରେ ପ୍ରକାଶ ପାଇବ। ଅନୁଗୋଳ ଜିଲାରେ ମୋଟ ୯ ଲକ୍ଷ ୭୩ ହଜାର ୪୪୭ ଭୋଟର ରହିଛନ୍ତି। ଏମାନଙ୍କ ମଧ୍ୟରେ ୫ ଲକ୍ଷ ୨୮୩ ଜଣ ପୁରୁଷ ଭୋଟର ରହିଥିବାବେଳେ ୪ ଲକ୍ଷ ୭୩ ହଜାର ୨୫ ଜଣ ମହିଳା ଭୋଟର ରହିଛନ୍ତି। ମତଦାନ ପାଇଁ ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ଲୋକଙ୍କୁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏଥିସହ କିଭଳି ଜିଲାରେ ଭୋଟ ହାର ବୃଦ୍ଧି ହେବ ସେ ନେଇ ମଧ୍ୟ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ପ୍ରଦାନ କରାଯାଇଛି।

# କଂଗ୍ରେସକୁ ସମର୍ଥନ ଦେବାକୁ ଆହ୍ୱାନ



ଅନୁଗୋଳ,୨୮।୪(ଅମିତ କୁମାର ସାମଲ)

ଅନୁଗୋଳ ବ୍ଲକ ବସଲା ପଞ୍ଚାୟତ ଆଦିଆଘାଇ, ଦେହୁରୀ ସାହି ଆମ୍ବ ତୋଟାଠାରେ କଂଗ୍ରେସ ପକ୍ଷରୁ ଜିଲା କଂଗ୍ରେସ କମିଟି ଉପସଭାପତି ଚିତ୍ତ ରଞ୍ଜନ ନାଏକଙ୍କ ଆବାହକତ୍ୱରେ ବ୍ଲକ କଂଗ୍ରେସ ସଭାପତି ଅମୂଲ୍ୟ ବେହେରାଙ୍କ ଅଧ୍ୟକ୍ଷତାରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ତଥା ଜିଲା କଂଗ୍ରେସ କମିଟି ସଭାପତି ଅମ୍ବିକା ପ୍ରସାଦ ଭଞ୍ଜ ଯୋଗଦେଇ ବସଲା ପଞ୍ଚାୟତ ପ୍ରତି ସବୁ ସମୟରେ ବିଜେଡି ସରକାର ବୈମାତୃକ ମନୋଭାବ ପୋଷଣ ସହ ଉପେକ୍ଷା କରି ଆସୁଛନ୍ତି। ଏପର୍ଯ୍ୟନ୍ତ ଦମକଳ କେନ୍ଦ୍ର ବା ହିଡସିଂହ ପ୍ରକଳ୍ପ ହୋଇପାରିଲା ନାହିଁ। ବନ୍ତଳା ଅଞ୍ଚଳ ଶୋଷିତ ଓ ନିଷ୍ପେଷିତ ହୋଇଆସୁଛି। ଏଣୁ ଆଗାମୀ ଦିନରେ କାହାର ମିଥ୍ୟା ପ୍ରତିଶ୍ରୁତିରେ ନ ଭାସି କଂଗ୍ରେସ ଦଳ ପ୍ରତି ସମର୍ଥନ ଦେବା ପାଇଁ ଜିଲା କଂଗ୍ରେସ ଉପସଭାପତି ଚିତ୍ତ ରଞ୍ଜନ ନାଏକ ଆହ୍ୱାନ ଦେଇଥିଲେ। ବରିଷ୍ଠ ଆଇନଜୀବୀ ସନ୍ତୋଷ ପଟ୍ଟନାୟକ, ଜିଲା ଉପସଭାପତି ସନତ ପ୍ରଧାନ, ଭଜମନ ଦାସ, ପୂର୍ବତନ ଜିଲାପରିଷଦ ସଦସ୍ୟ ବେଣୁଧର ସାହୁ, ପୂର୍ବତନ ସରପଞ୍ଚ ସହଦେବ ବେହେରା, ଭଗବାନ ସାହୁ, କୁମର ଦେହୁରୀ, ତପନ ଦେହୁରୀ, ରାଜୁ ସାହୁ, ଅଭିମନ୍ୟୁ ପାତ୍ର, ଜଙ୍ଗଲୀ ସାହୁ, ଟେମ୍ପୁ ସାହୁ, ଅକ୍ଷୟ ଭୋଇ, ଦଣ୍ଡଧର ଦେହୁରୀ, ଦୁର୍ଲଭ ଦେହୁରୀ, ରାଜନ ଦେହୁରୀ, ପ୍ରମୋଦ ଭୋଇ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ସଭାରେ ଶତାଧିକ ପୁରୁଷ ଓ ମହିଳା ଯୋଗ ଦେଇଥିଲେ।

# ବିଜେଡିର ସାଙ୍ଗଠନିକ ବୈଠକ




କଣିହାଁ,୨୮।୪(ସଚ୍ଚିଦାନନ୍ଦ ପ୍ରଧାନ)

ତାଳଚେର ନିର୍ବାଚନ ମଣ୍ଡଳୀ କଣିହାଁ ବ୍ଲକ ୯ନଂ. ଜୋନ ବଡତ୍ରିବିଡା ପଞ୍ଚାୟତ ଛେଳିଆ ଆମ୍ବତୋଟାଠାରେ ରବିବାର ବିଜେଡିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ତାଳଚେର ବିଧାୟକ ପ୍ରାର୍ଥୀ ବ୍ରଜକିଶୋର ପ୍ରଧାନ ଓ ଏମ୍‌ପି ପ୍ରାର୍ଥୀ ଅବିନାଶ ସାମଲ ଯୋଗଦେଇ ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନା ଉପରେ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ନୀତିଆଦର୍ଶରେ ଅନୁପ୍ରାଣିତ ହୋଇ ଶଙ୍ଖଚିହ୍ନରେ ଭୋଟ ଦେବାକୁ ଆହ୍ୱାନ ଦିଆଯାଇଥିଲା। ସେହିପରି କଣିହାଁ ବ୍ଲକ ପାଲଲହଡ଼ା ନିର୍ବାଚନ ମଣ୍ଡଳୀର ୮ନଂ. ଜୋନ ଦଳକ ପଞ୍ଚାୟତ ନାଲମ ଗ୍ରାମ ଆମ୍ବ ତୋଟା ବାଲିପଶି ପଞ୍ଚାୟତ ବରପଦା ଗ୍ରାମଠାରେ ବିଜେଡିର ପଞ୍ଚାୟତସ୍ତରୀୟ ନିର୍ବାଚନ ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ ସଭାପତି କୈଳାଶ ଚନ୍ଦ୍ର ସାହୁ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନଙ୍କ ସହିତ ଅନେକ ପଞ୍ଚାୟତର କର୍ମକର୍ତ୍ତା ଓ ନିର୍ବାଚିତ ଜନପ୍ରତିନିଧି ଅଂଶଗ୍ରହଣ କରିଥିଲେ।

# ବିଜେଡି ଛାଡ଼ିଲେ ପ୍ରକାଶ ଡାଙ୍ଗ

ମାଧପୁର,୨୮।୪ (ମନୋଜ ପ୍ରଧାନ)

ଆଠମଲ୍ଲିକ ବିଜେଡିରୁ ଇସ୍ତଫା ଦେଇଛନ୍ତି ଯୁବ ନେତା ତଥା ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ପ୍ରକାଶ କୁମାର ଡାଙ୍ଗ। ଛାତ୍ର ଅବସ୍ଥାରୁ ସେ ଦୀର୍ଘ ବର୍ଷ ଧରି ଦଳ ପାଇଁ କାର୍ଯ୍ୟ କରୁଥିଲେ। ହେଲେ ଦଳ ତାଙ୍କୁ ଅବହେଳା ଆଉ ଅଣଦେଖା କରିଥିବା ଅଭିଯୋଗ କରି ରବିବାର ସେ ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ପାଖକୁ ଇସ୍ତଫା ପତ୍ର ପଠାଇ ଦେଇଥିବା ଜଣାଯାଇଛି।



# ଭାଜପାର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ




ବଅଁରପାଳ/ ଅନୁଗୋଳ,୨୮।୪ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ଭାଜପା ବଅଁରପାଳ ମଣ୍ଡଳ ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଶୋକ କୁମାର ଧୀର ଏବଂ ପଞ୍ଚାୟତ ସମ୍ପାଦକ ନରେଶ କୁମାର ସାମଲଙ୍କ ନେତୃତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତର ବିଭିନ୍ନ ସାହିରୁ ୨ହଜାରରୁ ଅଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ଏହି ଅବସରରେ ଭାଜପାର ଏମ୍‌ପି ପ୍ରାର୍ଥୀ ରୁଦ୍ରନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଶିକ୍ଷାବିତ୍ ମହେଶ ଧଳ, ଅନୁଗୋଳ ପ୍ରାକ୍ତନ ନଗରପାଳ ଭକ୍ତି ଦାସ, ଜିଲାପରିଷଦ ସଦସ୍ୟା ମୀରା ଗଡ଼ନାୟକ, ଭାଜପା ଜିଲା ସାଧାରଣ ସମ୍ପାଦକ ସୋମନାଥ ରାଉତ, ବଅଁରପାଳ ଭାଜପା ମଣ୍ଡଳ ସଭାପତି ପ୍ରତ୍ୟୁଷ କୀଟୁ ପଣ୍ଡା, ଦିଲୀପ ରାଉତ ପ୍ରମୁଖ ଉପସ୍ଥିତ ରହି ମୋଦିଙ୍କ ଗ୍ୟାରେଣ୍ଟି ଉପରେ ଗୁରୁତ୍ୱାରୋପ ଦେଇଥିଲେ। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଛବି ମୋହନ ସାହୁ ବିଜେଡି ସରକାରଙ୍କ ଦୁର୍ନୀତି ଏବଂ ରୂପାନ୍ତରଣ ନାମରେ ହରିଲୁଟ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଲୋକ ସଭା ପ୍ରାର୍ଥୀ ପାଣି ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହାତ ମୁଠାକୁ ଟାଣ କରିବାକୁ ହେଲେ ଯୋଡି ଫୁଲକୁ ଭୋଟ ଦେଇ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ। ବଅଁରପାଳ ଏନ୍‌ଏସି ନ ହେବା ଏବଂ ଜାତୀୟ ରାଜପଥ ନିର୍ମାଣରେ ବିଳମ୍ବ ପାଇଁ ଅନୁଗୋଳ ବିଧାୟକ ଏବଂ ରାଜ୍ୟ ସରକାର ଦାୟୀ ବୋଲି ଉପସ୍ଥିତ ନେତାମାନେ କହିଥିଲେ। ସନ୍ତ୍ରୀରେ ଦମକଳ କେନ୍ଦ୍ର ସ୍ଥାପନ ହେବା ନେଇ ରାଜ୍ୟ ସରକାର ଘୋଷଣା କରିଥିଲେ ହେଁ ଏଯାବତ ହୋଇପାରି ନାହିଁ। ସରପଞ୍ଚ ରୁନୁବାଳା ଧୀର, ସର୍ପିତିସଭ୍ୟା ଅଞ୍ଜଳି ଦଳ ବେହେରା, ମହେନ୍ଦ୍ର ଦଳ ବେହେରା, ପ୍ରତ୍ୟୁଷ କିଟୁ ପଣ୍ଡା, ମାନସ ସିଂହ, ପ୍ରଭାତ ରଣା, ଶ୍ରୀରାମ ଧୀର, ସରୋଜ ମାଝି, ଦୁଷ୍ମନ୍ତ ସାମଲ, ବିଜୟ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

# ଅନୁଗୋଳ ପୋଲିସର ଫ୍ଲାଗମାର୍ଚ୍ଚ

ଅନୁଗୋଳ,୨୮।୪(ଅମିତ କୁମାର ସାମଲ)

ଅନୁଗୋଳ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ ଜାରି ରହିଛି। ଏଥିସହ ଗତ ସପ୍ତାହରେ ବିଭିନ୍ନ ସ୍ଥାନରେ ଅତର୍କିତ ଚଢାଉ କରାଯାାଇ ୫୨ଟି ଅବକାରୀ ମାମଲା ରୁଜୁ କରାଯାଇଛି। ଏହି ଘଟଣାରେ ମୋଟ ୧୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସେମାନଙ୍କ ନିକଟରୁ ୩୪୩.୪୩ ଲିଟର ବିଦେଶୀ ମଦ, ୬୪୨ ଲିଟର ଆଇଟି ଲିକର୍ ଏବଂ ୧୩୪ ଲିଟର ଓଏସ୍ ଲିକର୍ ଜବତ କରାଯାଇଛି।



# ବଅଁରପାଳରେ ବିଜେଡିର ଆଶୀର୍ବାଦ ସମାବେଶ



ଅନୁଗୋଳ, ୨୮।୪ (ଅମିତ କୁମାର ସାମଲ)

ବଅଁରପାଳ ବ୍ଲକ ସନ୍ତ୍ରୀ ପଡ଼ିଆରେ ବିଜେଡି ପକ୍ଷରୁ ଆଶୀର୍ବାଦ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ଏମ୍‌ପି ପ୍ରାର୍ଥୀ ଡା. ଅବିନାଶ ସାମଲ ଓ ଅନୁଗୋଳ ବିଧାୟିକା ପ୍ରାର୍ଥୀ ସଂଯୁକ୍ତା ସିଂହ ଲୋକଙ୍କ ସହଯୋଗ କାମନା କରିବା ସହ ଯୋଡ଼ି ଶଙ୍ଖରେ ଭୋଟ ଦେଇ ନବୀନ ବାବୁଙ୍କ ହାତମୁଠାକୁ ଟାଣ କରିବା ପାଇଁ ନିବେଦନ କରିଥିଲେ।

ବିଧାୟିକା ପ୍ରାର୍ଥୀ ସଂଯୁକ୍ତା କହିଥିଲେ, ବିଜେଡି ଏଥର ଅନୁଗୋଳରେ ଜଣେ ମହିଳା ପ୍ରାର୍ଥୀଙ୍କୁ ଟିକେଟ ଦେଇ ମହିଳାଙ୍କୁ ସମ୍ମାନିତ କରିଛି। ମହିଳାଙ୍କ ପ୍ରତି ନବୀନବାବୁଙ୍କ ଏହି ସମ୍ମାନକୁ ଭୋଟରେ ରୂପାନ୍ତରିତ କରିବାକୁ ସେ ଭୋଟରଙ୍କୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ସବୁବେଳେ ମହିଳାଙ୍କୁ ଗୁରୁତ୍ୱ ଦେଇ ଆସିଛନ୍ତି। ମହିଳାଙ୍କ ଉନ୍ନତି ପାଇଁ ଅନେକ ଜନହିତକର ଯୋଜନା କରିଛନ୍ତି। ଏଥିପାଇଁ ଆଜି ଗାଁ ଗାଁରେ ମହିଳା ସଶକ୍ତୀକରଣ ହୋଇପାରିଛି ବୋଲି ସିଂହ କହିଥିଲେ। ସେହିପରି ଏମ୍‌ପି ପ୍ରାର୍ଥୀ ଡା. ଅବିନାଶ ସାମଲ କହିଥିଲେ, ଅନୁଗୋଳ ହେଉଛି ସ୍ୱାଭିମାନର ମାଟି। ଏଠାରେ ଜଣେ ମହିଳା ଓ ଜଣେ ଯୁବକଙ୍କୁ ଟିକେଟ ଦେଇ ନବୀନ ବାବୁ ଯେଉଁ ଧାରା ତିଆରି କରିଛନ୍ତି, ତାକୁ ସମସ୍ତେ ଆଗେଇ ନେବାକୁ ପଡ଼ିବ। ଏହି ସମାବେଶରେ ବିଜେଡି ସହ ପର୍ଯ୍ୟବେକ୍ଷକ କୁନ ବିହାରୀ ଦାସ, ବିଧାନସଭାକ୍ଷେତ୍ର ପର୍ଯ୍ୟବେକ୍ଷକ ଚିନ୍ମୟ ସାହୁ, ବିଧାୟକ ରଜନୀକାନ୍ତ ସିଂହ, ବିପ୍ଳବ ଜେନା, ମୀନକେତନ ଅମାନ୍ତ, ବିଜୟ ନାଥ, ମହେନ୍ଦ୍ର ବଡ୍ରିଆ, ଅକ୍ଷୟ ସାମନ୍ତ, ଗୋପାଳ ନାୟକ, ଦୁର୍ଗାଚରଣ ପ୍ରଧାନ, ମନୋଜ ପ୍ରଧାନ, ବିଜୟ ନାଥ, ଅରୁଣାଭ ସିଂହଙ୍କ ସହ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ।

# ସ୍ତ୍ରୀଙ୍କୁ ପିଟି ପିଟି ହତ୍ୟା ଅଭିଯୋଗ

ଅନୁଗୋଳ,୨୮।୪ (ଅମିତ କୁମାର ସାମଲ)

ଅନୁଗୋଳ ସଦର ଥାନା ଅଞ୍ଚଳରେ ରବିବାର ଏକ ହତ୍ୟାକାଣ୍ଡ ଘଟିଛି। ସ୍ତ୍ରୀଙ୍କୁ ପିଟିପିଟି ମାରିଦେବା ପରେ ମୃତଦେହକୁ ପୋତିଦେଇ ଚମ୍ପଟ ମାରିଛନ୍ତି ସ୍ୱାମୀ। ସଦର ଥାନା ଅନ୍ତର୍ଗତ କୁମଣ୍ଡ ପଞ୍ଚାୟତ ବେଲସୁଷ୍ଠା ଗ୍ରାମରେ ଏହି ଘଟଣା ଘଟିଛି। ମୃତକ ହେଲେ ବେଲସୁଷ୍ଠା ଗ୍ରାମର ରଞ୍ଜିତା ଭୋଇ(୩୫)। ଘଟଣା ସମ୍ପର୍କରେ ଗ୍ରାମ ସଭାନେତ୍ରୀ ରୁନି ବେହେରା ଲିଖିତ ଅଭିଯୋଗ କରିବା ପରେ ସଦର ପୋଲିସ ନଂ. ୨୮୭/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପୋଲିସ କହିଛି, ମୃତ ରଞ୍ଜିତା ଓ ସ୍ୱାମୀ ଜଗନ୍ନାଥ ଜରି ଗୋଟାଇ ଗୁଜୁରାଣ ମେଣ୍ଟାଉଥିଲେ। ତେବେ କୌଣସି କାରଣରୁ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଜଗନ୍ନାଥ ସ୍ତ୍ରୀ ରଞ୍ଜିତାଙ୍କୁ ପିଟିପିଟି ମାରିଦେଇଥିଲେ। ଏହାପରେ ଘର ନିକଟରେ ଥିବା ରେଳ ଧାରଣା ପାଖରେ ମୃତଦେହ ପୋତିଦେଇ ଚମ୍ପଟ ମାରିଥିଲେ। ମୃତକଙ୍କ ପରିବାର ଲୋକେ ଓ ଗ୍ରାମବାସୀ ଦୁହିଁଙ୍କୁ ଖୋଜାଖୋଜି କରିବା ପରେ ମୃତଦେହ ଠାବ ହୋଇଥିଲା। ଏହାପରେ ଘଟଣାସ୍ଥଳରେ ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମାହାଳିକ, ସଦର ଥାନା ଅଧିକାରୀ ଅନୁପ ର୍ତିକୀ ଓ ଦୁଇଜଣ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଜବତ କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଘଟଣାର ଅଧିକ ତଦନ୍ତ ଚାଲୁଥିବା ସଦର ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ମଧୁବାବୁଙ୍କ ପରି କାର୍ଯ୍ୟ କରିବାକୁ ପରାମର୍ଶ

ଅନୁଗୋଳ,୨୮।୪(ଅମିତ କୁମାର ସାମଲ)

ଅନୁଗୋଳ ଓକିଲ ସଂଘ ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୬ତମ ଜୟନ୍ତୀ ଓ ଆଇନଜୀବୀ ଦିବସ ସ୍ଥାନୀୟ ସଭାଘର ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଦିଲୀପ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ନ୍ୟାୟାଧୀଶ ଶଶୀକାନ୍ତ ମିଶ୍ର ଯୋଗ ଦେଇ ମଧୁବାବୁ ଆଇନଜୀବୀମାନଙ୍କ ମଧ୍ୟରେ ଜୀବିତ ଅଛନ୍ତି ବୋଲି କହିବା ସହ ମଧୁବାବୁଙ୍କ ପରି କାର୍ଯ୍ୟକଲେ ତାଙ୍କ ଜୟନ୍ତୀ ପାଳନ ସାର୍ଥକ ହେବ ବୋଲି ମତବ୍ୟକ୍ତ କରିଥିଲେ। ସରସ୍ୱତୀ ବିଦ୍ୟା ମନ୍ଦିର, ନାଲ୍‌କୋନଗର ଅଧ୍ୟକ୍ଷ ଡ. ଶତ୍ରୁଘ୍ନ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସଭା କାର୍ଯ୍ୟ ପୂର୍ବରୁ ଓକିଲ ସଂଘର ଦିବଂଗତ ସଦସ୍ୟଙ୍କ ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘ ସାଧାରଣ ସମ୍ପାଦକ ଧ୍ରୁବ ଚରଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଜଷ୍ଟିସ ମିଶ୍ର ଓକିଲ ସଂଘର ସ୍ମରଣିକା -୨୦୨୪କୁ ଉନ୍ମୋଚନ କରିଥିଲେ। ଓକିଲ ସଂଘର ବରିଷ୍ଠ ସଦସ୍ୟ ହେମନ୍ତ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଇନଜୀବୀ ସଞ୍ଜୟ ସାହୁ ମଞ୍ଚ ପରିଚାଳନା କରିଥିଲେ। ସରିତା ମିଶ୍ର, ଜ୍ୟୋତ୍ସ୍ନାମୟୀ ସାହୁ ସଭା କାର୍ଯ୍ୟରେ ସହଯୋଗ କରିଥିଲେ। ଉପସଭାପତି ଶିବାଶିଷ କର, ସହସମ୍ପାଦକ ପ୍ରଦୀପ୍ତ ଭୂତିଆ, ସାଂସ୍କୃତିକ ସମ୍ପାଦକ ବିନୋଦ ବିହାରୀ ପ୍ରଧାନ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ପ୍ରଧାନ ମଞ୍ଚାସୀନ ଥିଲେ। ସନ୍ଧ୍ୟାରେ ଅନୁଗୋଳ ଓକିଲ ସଂଘର ସଭ୍ୟମାନଙ୍କ ଦ୍ୱାରା ନାଟକ ଆସାମୀ ମଞ୍ଚସ୍ଥ ହୋଇଥିଲା।



# କୁଚିପୁଡ଼ି ନୃତ୍ୟରେ ଦର୍ଶକ ବିମୋହିତ





ତାଳଚେର,୨୮।୪ (ମନୋଜ ନନ୍ଦ)

ତାଳଚେର ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠରେ ଚାଲିଥିବା ୨୦ତମ ଲୋକ ମହୋତ୍ସବର ଷଷ୍ଠ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ସିଏଲ୍ ତାଳଚେର କ୍ଷେତ୍ର ମହାପ୍ରବନ୍ଧକ ଅନୁପମ ଶ୍ରୀବାସ୍ତବ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡ ସଦସ୍ୟ ମୁରଲୀଧର ସାହୁ, ଅରୁଣ ପ୍ରଧାନ, ସଞ୍ଜୟ କୁମାର ସାହୁ, ସନ୍ତୋଷ ପ୍ରଧାନ ଓ ଗଗନ ବିହାରୀ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜୟ ଜଗନ୍ନାଥ ଭଜନ ସନ୍ଧ୍ୟା ଅନୁଷ୍ଠାନ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ଏହି ଅବସରରେ ତାଳଚେର ସାଉଥବଲଣ୍ଡାର ନୃତ୍ୟାଞ୍ଜଳି ଡ୍ୟାନ୍ସ ଗ୍ରୁପର କଳାକାରମାନଙ୍କ ଦ୍ୱାରା ପରିବେଷିତ କୃଷ୍ଣ ତାଣ୍ଡବ, ଆର୍‌ଏନ୍‌ବି ଡ୍ୟାନ୍ସ ଗ୍ରୁପର ଗଣେଶ ବନ୍ଦନା ଓ ବ୍ରାହ୍ମଣୀ ଡ୍ୟାନ୍ସ ଏକାଡେମୀର ଶିବ ତାଣ୍ଡବ ଦର୍ଶକମାନଙ୍କୁ ମଣ୍ଟୁଆଲା କରିଥିଲା। ସେହିପରି ଆନ୍ଧ୍ରପ୍ରଦେଶ ବିଶାଖାପାଟଣାର ପ୍ରସିଦ୍ଧ କୁଚିପୁଡ଼ି ନୃତ୍ୟ 'ସିଂହ ନନ୍ଦିନୀ' ଦର୍ଶକମାନଙ୍କୁ ବାନ୍ଧି ରଖିଥିଲା। ସ୍ୱର୍ଣ୍ଣଶ୍ରୀ ନୃତ୍ୟ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଓଡ଼ିଶାର ଗୌରବମୟ ଇତିହାସ 'ପାଇକ ବିଦ୍ରୋହ' ନୃତ୍ୟ ପରିବେଷଣ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। କାର୍ଯ୍ୟକ୍ରମକୁ ସଞ୍ଜୀବ ପଟ୍ଟନାୟକ ଓ ଶୋଭନା ମିଶ୍ର ପରିଚାଳନା କରିଥିଲେ। ସମସ୍ତ କଳାକାରମାନଙ୍କୁ ଟ୍ରଷ୍ଟବୋର୍ଡ ପକ୍ଷରୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଜିଲାପାଳ ନାରାୟଣ ସେଠୀ, ସହକାରୀ ଜିଲାପାଳ ପୁଷ୍ପିତା ମଧୁମତି ଦେହୁରୀ, ବରିଷ୍ଠ ରାଜସ୍ୱ ସହାୟକ ଧୂଳେଶ୍ୱର ବେହେରା ଓ ନିରାକାର ରାଉଳ ପ୍ରମୁଖ ସହଯୋଗ କରିଥିଲେ।

